# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**11 June– 2026**

---

# ନୀତି ଆୟୋଗ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେବ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ପାଇଁ ସମାବେଶୀ ମାନବ ବିକାଶ- ଶୀର୍ଷକରେ ହେବାକୁ ଥିବା ବୈଠକରେ କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ନୀତି ଆୟୋଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ବୈଠକରେ ମୌଳିକ ମାନବ ପୁଞ୍ଜି, ଭବିଷ୍ୟତ ପ୍ରସ୍ତୁତି ଦକ୍ଷତା, ନିଯୁକ୍ତି ଓ ଉଦ୍ୟୋଗ ଆଦି ବିଷୟରେ ଆଲୋଚନା ହେବ ବୋଲି ଜଣାପଡିଛି ।

# ରାଜ୍ୟପାଳ-ଓୟୁଏଟି

ଯୁବପିଢ଼ୀ କୃଷିକୁ କେବଳ ଏକ ପାରମ୍ପରିକ ବୃତ୍ତି ନ ଭାବି ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର ଏକ ଗତିଶୀଳ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଆୟୋଜିତ ଓଡ଼ିଶା ଖାଦ୍ୟ ଓ ଜୈବ ପ୍ରଯୁକ୍ତି ବିଦ୍ୟା ସମ୍ମିଳନୀ ୨୦୨୬କୁ ଉଦ୍‌ଘାଟନ କରି ଡକ୍ଟର କମ୍ଭମପାଟି କହିଛନ୍ତି କୃଷିର ଭବିଷ୍ୟତ ଉଦ୍ଭାବକ, ଉଦ୍ୟୋଗୀ

ଓ ସମସ୍ୟା ସମାଧାନକାରୀଙ୍କ ଦ୍ୱାରା ସମ୍ଭବ ହୋଇପାରିବ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଚଳିତମାସ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତକୁ ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ବୈଠକରେ ଭିଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାସହ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ସୁପ୍ରିମକୋର୍ଟ

ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆସନ୍ତା ୨୧ତାରିଖରୁ ତ୍ରିଦିବସୀୟ ସମାଧାନ ସମାରୋହ ଏକ ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିପାଇଁ ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ବିଚାରାଧୀନ ଥିବା ବିଭିନ୍ନ ମାମଲାର ଫଏସଲା ଏହା ମାଧ୍ୟମରେ କରାଯିବ ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ ରଥଯାତ୍ରା ପ୍ରସ୍ତୁତି ନେଇ ଆୟୋଜିତ ସମୀକ୍ଷା ବୈଠକରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି । ବୈଠକରୁ ଜଣାପଡିଛି ସ୍ନାନପୂର୍ଣ୍ଣିମା ସମୟରେ ପୁରୀ ଶ୍ରୀମନ୍ଦିର ପରିସରରେ ୭୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ । ଏହାସହ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି ।

# ମୁଖ୍ୟପ୍ରଶାସକ-ପେଟେଣ୍ଟ

ପୁରୀ ଶ୍ରୀମନ୍ଦିର ସହ ଜଡିତ ଦୁଇଟି ଶବ୍ଦ ଓ ଗୋଟିଏ ଲୋଗୋକୁ ପେଟେଣ୍ଟ ମିଳିଛି । ଆନନ୍ଦ ବଜାର ଓ ପତିତପାବନ ଶବ୍ଦ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀଳଚକ୍ର ଲୋଗୋକୁ ପେଟେଣ୍ଟ ମିଳିଥିବା ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ଶ୍ରୀ ପାଢ଼ୀ କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ସହ ସମ୍ପର୍କିତ ବିଭିନ୍ନ ଶବ୍ଦ, ଚିହ୍ନ ଏବଂ ଲୋଗୋ ଚିହ୍ନ ପଞ୍ଜୀକରଣ ପାଇଁ ଆବେଦନ ଦାଖଲ କରାଯାଇଛି । ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ସାଂଗଠନିକ ପରିଚୟକୁ ସୁରକ୍ଷା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

# ନାମଲେଖା ସମୟସୀମା ବୃଦ୍ଧି

ରାଜ୍ୟରେ ଥିବା ମହାବିଦ୍ୟାଳୟ ଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ଏଥିପାଇଁ ଆବେଦନ କରିପାରିବେ । ଜୁନ୍ ୨୨ ତାରିଖ ଅପରାହ୍ଣ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୧୦ତାରିଖ ସୁଦ୍ଧା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

# ଏସ୍ଆଇଆର୍

ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ୯୪ ଦଶମିକ ୩/୭ ପ୍ରତିଶତ ଭୋଟରଙ୍କ ନିକଟରେ ଗଣନା ଫର୍ମ ପହଞ୍ଚି ପାରିଛି । ମୋଟ୍ ୩ କୋଟି ୧୫ଲକ୍ଷ ୧୮ହଜାର ୪୧୨ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି । ତନ୍ମଧ୍ୟରୁ ୩୯ଲକ୍ଷ ୮୩ହଜାର ୪୪୬ଜଣ ଭୋଟରଙ୍କର ଡିଜିଟାଇଲେସନ କରାଯାଇଛି । ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲର ଶେଷ ତାରିଖ ଜୁନ୍ ୨୮ ରହିଛି ।

# ଆମ ପୁଲିସ କାର୍ଯ୍ୟକ୍ରମ

କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟ୍ରାଫିକ ସମସ୍ୟା ହ୍ରାସ ଦିଗରେ ବ୍ୟବସ୍ଥା କରିବାକୁ ଜିଲ୍ଲା ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି ।

# ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । କାଳବୈଶାଖୀଜନିତ ବର୍ଷାର ପ୍ରଭାବରେ ରାଜ୍ୟର ତାପମାତ୍ରା ହ୍ରାସ ପାଇଛି । ଆସନ୍ତା କିଛିଦିନ ମଧ୍ୟରେ ତାପମାତ୍ରା ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ୪ଟି ସ୍ଥାନର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିବାବେଳେ ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।

# କ୍ରୀଡ଼ାବିଭାଗ-ପ୍ରଶିକ୍ଷକ

ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ଟି ଭିନ୍ନ ଭିନ୍ନ କ୍ରୀଡ଼ାବିଭାଗ ପାଇଁ ୨୫ଜଣ ପ୍ରଶିକ୍ଷକଙ୍କୁ ପ୍ରାଥମିକ ଭାବେ ମନୋନୀତ କରାଯାଇଛି । ଏଥିରେ ୯ଜଣ ମହିଳା ପ୍ରଶିକ୍ଷକଙ୍କୁ ସାମିଲ କରାଯାଇଛି । ପୂର୍ବରୁ ରାଜ୍ୟରେ ୨୦୧୬ ମସିହାରେ ପ୍ରଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା ।

# ସିଏମ୍ ଟ୍ରଫି

ରାଜ୍ୟରେ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଫୁଟବଲ, ଖୋଖୋ, କବାଡି ଏବଂ ଭଲିବଲର ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାରେ ୩୦ହଜାରରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ । ଫୁଟବଲ ବାଳକ ବର୍ଗରେ ବରଗଡ, ବାଳିକା ବର୍ଗରେ ଭୁବନେଶ୍ୱର, ଖୋଖୋ ବାଳକ ବର୍ଗରେ ପୁରୀ, ବାଳିକା ବର୍ଗରେ ଖୋର୍ଦ୍ଧା, କବାଡି ବାଳକ ବର୍ଗରେ ବାଲେଶ୍ୱର, ବାଳିକା ବର୍ଗରେ ପୁରୀ ଏବଂ ଭଲିବଲର ବାଳକ ବର୍ଗରେ କଟକ ଓ ବାଳିକା ବର୍ଗରେ ଖୋର୍ଦ୍ଧା ଚାମ୍ପିୟନ ହୋଇଛନ୍ତି ।